ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ର ତ୍ରୈମାସିକ ସମ୍ବାଦ ପତ୍ରିକା




# ନିଶାମୁକ୍ତି ସଂଗ୍ରାମ

# NISHAMUKTI SANGRAM

ଦ୍ୱିତୀୟ ବର୍ଷ | ସଂଖ୍ୟା - ୧୧ | ଜୁଲାଇ-ସେପ୍ଟେମ୍ବର ୨୦୨୨ | ଭୁବନେଶ୍ୱର | ପୃଷ୍ଠା - ୪ | ମୂଲ୍ୟ - ୫ ଟଙ୍କା

VOLUME - 2 | ISSUE - 11 | July-Sep. 2022 | BHUBANESWAR | 4 PAGES | PRICE : Rs.5.00

ଗରିବ ନାଁରେ ଦିନକୁ ଦିନ
ଯୋଜନାମାନ ବଢୁଛି
କାରଣ, "ସରକାରୀ ମଦ"
ନୂଆ ନୂଆ ମଦୁଆ ଗଢୁଛି

## ସଂପାଦକୀୟ

### ଅମୃତ କାହିଁ ?

### ସମଗ୍ର ସମାଜ ତ ମଦର ବନ୍ୟାରେ ଉବୁଟୁବୁ

ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷକୁ ଭାରତ ସରକାର ଅମୃତକାଳ ଭାବରେ ପାଳନ କରୁଛନ୍ତି । ଅବଶ୍ୟ ଦେଶର ବଡ଼ ବଡ଼ ଶିଳ୍ପପତି, ବ୍ୟବସାୟୀ ଓ ଅନ୍ୟାନ୍ୟ ଉଚ୍ଚ ଆୟକାରୀମାନେ ଏବଂ ରାଜନୈତିକ ନେତାଗଣ ଆଉ ସେମାନଙ୍କ ସେବାକାରୀମାନେ ଯେଉଁଭଳି ମଉଜରେ ଜୀବନ ଯାପନ କରୁଛନ୍ତି ସେହି ସୁଖକୁ ଅମୃତ ଆସ୍ୱାଦନ କୁହାଯାଇପାରେ । ସମଗ୍ର ଦେଶ କରୋନାରେ ଜର୍ଜରିତ ହୋଇ ଆତଙ୍କ ଓ ଅଭାବ ଦେଇ ଗତି କରୁଥିବା ବେଳେ ଏହି ସୁବିଧାଭୋଗୀ ବର୍ଗଙ୍କର ସ୍ୱାଚ୍ଛନ୍ଦ୍ୟରେ ଅସୁବିଧା ନଥିଲା । ସେମାନଙ୍କ ମଧ୍ୟରେ ଶୀର୍ଷ ବର୍ଗରେ ଥିବା ଗୋଷ୍ଠୀର ଆୟ ଅଚିନ୍ତନୀୟ ଭାବରେ ବି ବଢି ଚାଲିଥିଲା ।

କିନ୍ତୁ ସମାଜର ଏକ ବଡ ଗୋଷ୍ଠୀ ଏବେ ବି ରୋଜଗାରର ଅନିଶ୍ଚିତତା ଓ ଦରଦାମ ବୃଦ୍ଧିରେ ଏବଂ ସ୍ୱାସ୍ଥ୍ୟହୀନତାରେ ଆକ୍ରାନ୍ତ । ବିକାଶର ସୂଚୀରେ ପଡୋଶୀ ବହୁ ବିକାଶୋନ୍ମୁଖୀ ଦେଶ ଠାରୁ ଭାରତ ପଛରେ । ଆର୍ଥିକ ସ୍ୱଚ୍ଛଳତା ନଥାଇ ବି ବହୁ ଦେଶର ଲୋକେ ଆମ ଠାରୁ ଅପେକ୍ଷାକୃତ ସୁଖୀ । ଏ ଦିଗରେ ବଡ଼ ବାଧକ ହେଲା ମଦ ଆଦି ନାନାଦି ମାଦକ ଦ୍ରବ୍ୟର ଆଖିବୁଜା ପ୍ରସାର ; ଯାହା ସବୁ ପ୍ରକାର ସୁଖର ପ୍ରତିବନ୍ଧକ ।


ଦେଶର ସ୍ୱାଧୀନତା ପ୍ରାପ୍ତିର ପରେ ପରେ ଦେଶ କିଭଳି ଭାବରେ ଚାଲିବ ତାକୁ ଲକ୍ଷ୍ୟ ରଖି ଆମ ସମ୍ବିଧାନ ରଚିତ ହୋଇଛି । ସମ୍ବିଧାନ ରଚନାକାଳରେ ନିଶାନିବାରଣ କଥା ଉପରେ ସହମତି ନହୋଇ ପାରିବାରୁ ଏହାକୁ ପରବର୍ତ୍ତୀ କାଳରେ ସରକାର କାର୍ଯ୍ୟକାରୀ କରିବେ ବୋଲି ଆଶା କରାଯାଉଥିଲା, ଯାହା ସମ୍ବିଧାନର ରଚୟିତାମାନେ ତାହାର ନିର୍ଦ୍ଦେଶିତ ନିୟମାବଳୀ- ଅଧ୍ୟାୟର ଧାରା ୪୭ରେ ଉଲ୍ଲେଖ କରିଥିଲେ ।

ସେହି ଧାରାରେ ଲେଖା ଅଛି ଯେ ଲୋକଙ୍କ ଜୀବନ ଧାରଣର ମାନ ଓ ସାଧାରଣ ସ୍ୱାସ୍ଥ୍ୟର ଉନ୍ନତିକୁ ରାଷ୍ଟ୍ର ତା'ର ଅନ୍ୟତମ ପ୍ରାଥମିକତା ବୋଲି ବିଚାର କରିବ । ବିଶେଷ ଭାବରେ ସ୍ୱାସ୍ଥ୍ୟର କ୍ଷତିକାରକ ନିଶା ଦ୍ରବ୍ୟମାନଙ୍କର ଉତ୍ପାଦନ ଓ ବ୍ୟବହାରକୁ ନିର୍ମୂଳ କରିବା ଲାଗି ଦୃଢତାର ସହିତ ଉଦ୍ୟମ କରିବ ।

ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ଦଶାବ୍ଦୀରେ ଏ ଦିଗରେ ଦେଶର ବଡ ବଡ ରାଜ୍ୟ ତଥା ଓଡ଼ିଶା ଏ ଦିଗରେ ସଫଳତାର ସହ କାମ ଆରମ୍ଭ କରିଥିଲେ । କିନ୍ତୁ ୧୯୫୭ ପର ଠାରୁ ଏଭଳି ମହତ୍ ଉଦ୍ୟମର ପୂର୍ଣ୍ଣଚ୍ଛେଦ ପଡିଲା ।

ଗାନ୍ଧିଜୀଙ୍କ ଜନ୍ମର ୧୫୦ ବର୍ଷ ପାଳନ କାଳରେ ଏ ଦିଗରେ କିଛି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଶା କରାଯାଉଥିଲା । ଏହା ପୂର୍ବରୁ ଏହି ଉଦ୍ଦେଶ୍ୟରେ "ମୋନା"ର ସଭାପତି ଭାବରେ ମୁଁ ପ୍ରଧାନମନ୍ତ୍ରୀଙ୍କୁ ଦେଖାକରି, ମୋରାର୍‌ଜୀଙ୍କ ଭଳି ପ୍ରଧାନମନ୍ତ୍ରୀଙ୍କ ସମଗ୍ର ଭାରତରେ ନିଶାନିବାରଣ କାର୍ଯ୍ୟ ଲାଗି ରାଜ୍ୟ ସରକାରଙ୍କୁ ଆହ୍ୱାନ ଦେବାକୁ ଅନୁରୋଧ କରିଥିଲି । କିନ୍ତୁ ସେ ଦିଗରେ କେନ୍ଦ୍ର ଓ ରାଜ୍ୟସରକାରମାନେ କିଛି କଲେ ନାହିଁ । ଏବେ ସ୍ୱାଧୀନତା ପ୍ରାପ୍ତିର ୧୫୦ ବର୍ଷ ପାଳନ ଅବସରରେ ସରକାର ଏହି କାର୍ଯ୍ୟଟି ନକରି ଦେଶକୁ ମଦ ଆଦି ବିଷ ଦ୍ରବ୍ୟରେ ଭସାଇ ଅମୃତ ଖୋଜି ବୁଲିଲେ, ଯାହା ସାଧାରଣ ଲୋକଙ୍କ ପାଇଁ ଆକାଶ କୁସୁମ ଭଳି ମନେ ହେବ ।


ସରକାରମାନଙ୍କର ଏଭଳି ଅନିଚ୍ଛାକୁ ବାଟକୁ ଆଣିବା ଲାଗି ଜନସାଧାରଣଙ୍କ ପକ୍ଷରୁ ବିଭିନ୍ନ ଉଚ୍ଚ ନ୍ୟାୟାଳୟରେ ଏବଂ ସର୍ବୋଚ୍ଚ ନ୍ୟାୟାଳୟରେ ଏ ବାବଦରେ ପି.ଆଇ.ଏଲ୍. ଦାଏର ହୋଇଛି । ଏହା ସରକାରମାନଙ୍କର ନୀତିଗତ କାର୍ଯ୍ୟ ବୋଲି ଆଳ ଦେଇ ଏସବୁକୁ ଏବେ ଖାରଜ କରାଯାଇଛି ।



ଉକ୍ତ ଦଫାରେ ଯେଉଁ ଇଂରାଜୀ ଶବ୍ଦ **'strive'** ବୋଲି ରାଜ୍ୟମାନଙ୍କୁ ନିର୍ଦ୍ଦେଶିତ ହୋଇଛି ତା'ର ଆଭିଧାନିକ ଅର୍ଥ 'ଦୃଢ ଭାବରେ ଉଦ୍ୟମ କରିବା' । ରାଜ୍ୟ ସରକାରମାନେ ଯେ ସମ୍ବିଧାନର ନିୟମାବଳୀକୁ କାର୍ଯ୍ୟକାରୀ କରୁନାହାନ୍ତି ଓ ଅନୀତି କରୁଛନ୍ତି ବୋଲି ଆମେ ପ୍ରାୟ ନ୍ୟାୟଳୟମାନଙ୍କରେ ସଠିକ୍ ଭାବରେ ଉପସ୍ଥାପନ କରିପାରୁନାହିଁ ତଥାପି ଏ ଦିଗରେ ଉଦ୍ୟମ ଚାଲିଛି ଏବଂ ଆଗକୁ ଚାଲିବ ମଧ୍ୟ ।

ଏସବୁ ମଧ୍ୟରେ ଆଗକୁ ଆସୁଛି ଅକ୍ଟୋବର ୨, ଗାନ୍ଧୀ ଜୟନ୍ତୀ । ଏହି ଦିନ ଓଡ଼ିଶାର ସବୁ ଜିଲ୍ଲା ଓ ବ୍ଲକ୍ ମୁଖ୍ୟାଳୟରେ ନିଶା ବିରୋଧୀ ଜନ ସାଧାରଣ ଗାନ୍ଧିଜୀଙ୍କ ମୂ□/ଫଟୋ ପାଖରେ ବସି ନିଶା ନିବାରଣ ପାଇଁ ନୀରବ ଗଣଧାରଣା ଦେବା ସହ ମୁଖ୍ୟମନ୍ତ୍ରୀଙ୍କୁ ନିଜ ନିଜ ଅଂଚଳରୁ ସରକରୀ ଅଧିକାରୀଙ୍କ ଜରିଆରେ ତୁରନ୍ତ ମଦ ବନ୍ଦ କରିବା ଦାବି ପତ୍ର ଦିଅନ୍ତୁ ।

ସଂଗ୍ରାମ ସରିନାହିଁ....



## ତା୨୮.୮.୨୦୨୨ରେ ରାଷ୍ଟ୍ରୀୟ ସରାବବନ୍ଦୀ ସଂଯୁକ୍ତ ମୋର୍ଚ୍ଚାର ଦିଲ୍ଲୀଠାରେ ବୈଠକ ଅନୁଷ୍ଠିତ ।

ସମଗ୍ର ଭାରତବର୍ଷରେ ମଦବନ୍ଦ କରିବା ନିମନ୍ତେ ରାଷ୍ଟ୍ରୀୟ ସରାବବନ୍ଦୀ ସଂଯୁକ୍ତ ମୋର୍ଚ୍ଚାର ଏକ ଜାତୀୟ କାର୍ଯ୍ୟକାରିଣୀ ବୈଠକ ନୂଆଦିଲ୍ଲୀସ୍ଥିତ ମାଲବୀୟ ନଗର, ଖିଡିକି ଗାଓଁସ୍ଥ ପ୍ରାଉଟ ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ ଉତର ପ୍ରଦେଶର ସର୍ବୋଦୟ ମଣ୍ଡଳ ଅଧ୍ୟକ୍ଷ ରାମଧିରାଜ ଭାଇ । ମୁଖ୍ୟ ଅତିଥିଭାବେ ରାଷ୍ଟ୍ରୀୟ ସରାବବନ୍ଦୀ ସଂଯୁକ୍ତମୋର୍ଚ୍ଚା ରାଷ୍ଟ୍ରୀୟ ସଂଯୋଜକ ତଥା ମଦମୁକ୍ତ ଭାରତର କାର୍ଯ୍ୟକାରୀ ଅଧ୍ୟକ୍ଷ ଆଚାର୍ଯ୍ୟ ସନ୍ତୋଷାନନ୍ଦଜୀ ଯୋଗ ଦେବା ସହ ରାଷ୍ଟ୍ରୀୟ ସରାବବନ୍ଦୀ ସଂଯୁକ୍ତମୋର୍ଚ୍ଚାର ଆବାହକ ତଥା ରାଷ୍ଟ୍ରୀୟ ଲୋକ ସମିତିର ଅଧ୍ୟକ୍ଷ ଶ୍ରୀଯୁକ୍ତ ସୁଲତାନ ସିଂହଙ୍କ ସମ୍ମାନିତ ଅତିଥି ଭାବେ ସଭାକୁ ଗରିମାମଣ୍ଡିତ କରିଥିଲେ । ଦେଶରେ ସମ୍ପୂର୍ଣ୍ଣ ନିଶାନିବାରଣ ଆଇନ ଲାଗୁ ନହେବା ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ କିଛି ରାଜ୍ୟରେ ଏହି ଆଇନ୍ କାର୍ଯ୍ୟକାରୀ ହେବା ଦୁରୂହ ବ୍ୟାପାର ବୋଲି ବିଭିନ୍ନ ରାଜ୍ୟର ପ୍ରତିନିଧିମାନେ ମତ ପ୍ରକାଶ କରିଥିଲେ ।

ଏହି ବୈଠକରେ ପ୍ରାୟ ୧୧ଟି ରାଜ୍ୟର ପ୍ରତିନିଧି ଯଥା ଓଡ଼ିଶା, ମଧ୍ୟପ୍ରଦେଶ, ଉତର ପ୍ରଦେଶ, ହରିୟାଣା, ତାମିଲନାଡୁ, ପଞ୍ଜାବ, ପଶ୍ଚିମବଙ୍ଗ, ରାଜସ୍ଥାନ, ଦିଲ୍ଲୀ, ବିହାର ପ୍ରମୁଖ ଯୋଗଦେଇ ଦେଶ ବ୍ୟାପୀ ଆନ୍ଦୋଳନକୁ ଦୃଢ ହେବା ପାଇଁ ମତ ପ୍ରଦାନ କରିଥିଲେ । ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସର୍ବଶ୍ରୀ ଅର୍ଜୁନ ସାମନ୍ତରାୟ ଓ ଶୁଭେନ୍ଦୁ ରାଉତରାୟ ଏହି ବୈଠକରେ ପ୍ରତିନିଧିତ୍ୱ କରିଥିଲେ । ବୈଠକର ନିଷ୍ପତି ଅନୁଯାୟୀ ଆଗାମୀ ଅକ୍ଟୋବର ୨ ତାରିଖ ୨୦୨୨ ଗାନ୍ଧୀ ଜୟନ୍ତୀରେ ଦେଶବ୍ୟାପୀ ଗାନ୍ଧୀ ମୂ□ ନିକଟରେ ସତ୍ୟାଗ୍ରହ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ମଦବିରୋଧୀ ଆଇନ୍ ପ୍ରଣୟନ ଦାବିରେ ସଂପୃକ୍ତରାଜ୍ୟ ମୁଖ୍ୟମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବା ସହ ଆସନ୍ତା ଅକ୍ଟୋବର ୩୦ ତାରିଖ ଦିନ 'ମଦମୁକ୍ତ ଭାରତ'ର ଏକ ରାଷ୍ଟ୍ରୀୟ କର୍ମକର୍ତ୍ତା ସମ୍ମିଳନୀ ଦିଲ୍ଲୀଠାରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଗଲା ।



ପ୍ରକାଶକ : ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ (ମୋନା)
ପ୍ଲଟ ନଂ: ୮୫୩/୧୪୩୧, ପ୍ରଗତି ନର୍ସିଂହୋମ (୨ୟ ମହଲା),
ମଧୁସୂଦନ ନଗର, ୟୁନିଟ୍-୪, ଭୁବନେଶ୍ୱର-୭୫୧୦୦୧, ଓଡ଼ିଶା
e-mail : monnaodisha@gmail.com,
web : www.monnaodisha.org

ମୁଖ୍ୟ ସମ୍ପାଦକ : ପଦ୍ମଚରଣ ନାୟକ (ମୋ: ୯୯୩୮୮୯୩୪୪୫)
ଏହି ସଂଖ୍ୟାର କାର୍ଯ୍ୟକାରୀ ସମ୍ପାଦନା ମଣ୍ଡଳୀ :
ସର୍ବଶ୍ରୀ ଶୁଭେନ୍ଦୁ କୁମାର ରାଉତରାୟ, ପ୍ରିୟନାଥ ଆଚାର୍ଯ୍ୟ, ମଳୟ କୁମାର ତ୍ରିପାଠୀ, କୈଳାସ ଚନ୍ଦ୍ର ମଲ୍ଲିକ
ଯୋଗଯୋଗ : ୯୪୩୭୧୦୭୪୨୭, ୯୪୩୮୦୦୫୫୩୩, ୯୦୪୦୭୩୩୧୦୭, ୭୯୭୮୬୫୯୧୪୧

ମଦୁଆ ଆଜି ଗାଁ ଗାଁରେ - ଯୁବ ସମାଜ ମଦ କବଳେ

# ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଆହ୍ୱାନ

ଆମେ ଦଶବର୍ଷ ଧରି ମଦ ହଟିବା ଆନ୍ଦୋଳନ ଚଳାଇ ଆସିଥାଏ। ଯଦିଓ ନିଶା ନିବାରଣ ଅଭିଯାନର ଲକ୍ଷ୍ୟ ରାଜ୍ୟକୁ ସବୁପ୍ରକାର ନିଶାରୁ ମୁକ୍ତ କରିବା; ଆମେ ମଦମୁକ୍ତିକୁ ଅଗ୍ରାଧିକାର ଦେଇଛୁ। ଅନ୍ୟ ନିଶା, ବ୍ୟକ୍ତି ବା ତା'ର ପରିବାରକୁ ବରବାଦ କରୁଥିବା ବେଳେ ମଦ ସମଗ୍ର ସମାଜକୁ ଉଜାଡ଼ି ଦେଉଛି। ଆମ ପୂର୍ବରୁ ଏ ଦିଗରେ କେତେକ ଅନୁଷ୍ଠାନ ଏ ଦିଗରେ ଆନ୍ଦୋଳନ ଚଳାଇ ଆସୁଥିଲେ। କିନ୍ତୁ ଏହାକୁ ସାରା ରାଜ୍ୟରେ ଲଗାତର ଭାବରେ କେହି ଏଭଳି ଲକ୍ଷ୍ୟ ନେଇ ଆନ୍ଦୋଳନ ଚଳାଇ ନଥିଲେ। ଯାହାଫଳରେ ସେହି ଆନ୍ଦୋଳନ ନିର୍ଦ୍ଦିଷ୍ଟ ପରିସର ମଧ୍ୟରେ ହୋଇ କିଛି କାଳ ପରେ ବନ୍ଦ ହୋଇଯାଇଥିଲା।

ଗତ ଦଶବର୍ଷ ଧରି ରାଜ୍ୟରେ ଅଧିକାଂଶ ଜିଲ୍ଲାରେ ଏହି ଆନ୍ଦୋଳନ ଚଳାଇ ଆସିବା ଭିତରେ ଆମକୁ କିଛି ଅଭିଜ୍ଞତାରୁ ଶିକ୍ଷା ମିଳିଛି। ତାକୁ ଭି□କରି ଆମେ ଆନ୍ଦୋଳନକୁ ଆଗେଇ ନେବା। ଏହି ଦଶବର୍ଷ ମଧ୍ୟରେ ଆମେ ମୁଖ୍ୟତଃ ରାଜ୍ୟ ସରକାରଙ୍କୁ ଓଡ଼ିଶାକୁ ମଦମୁକ୍ତ କରିବା ଲାଗି ଦାବି କରିଆସିଛୁ। ସେଥିଲାଗି ଲକ୍ଷ ଲକ୍ଷ ସଂଖ୍ୟାରେ ସ୍ୱାକ୍ଷର ସଂଗ୍ରହ କରି ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ସହ ପ୍ରଦାନ କରିଛୁ ଓ ତାଙ୍କୁ ସାକ୍ଷାତ କରିଛୁ। ସେହି ଦିଗରେ ଉଚିତ୍ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ବି, ଏପର୍ଯ୍ୟନ୍ତ ସେ କିଛି କରିନାହାଁନ୍ତି। ଆମେ ଲକ୍ଷ୍ୟ କରିଛୁ ଯେ, କେଉଁ ସ୍ଥାନରେ ମଦ ପିଇ ପୁଅ ବା ସ୍ୱାମୀ ମରିଯାଇଥିଲେ, ମାଆମାନେ ବାହାର ନେତୃତ୍ୱକୁ ଅପେକ୍ଷା ନକରି ମଦ ଦୋକାନକୁ ସେଠାରେ ଭାଙ୍ଗିଛନ୍ତି ଓ ପୋଡ଼ିଛନ୍ତି; ଏହାଫଳରେ ମକଦ୍ଦମାରେ ପଡ଼ିଛନ୍ତି ଓ ଜେଲ ଯାଇଛନ୍ତି ଏବଂ ଅନେକ ସ୍ଥାନରେ ମାଡ଼ ଖାଇଛନ୍ତି। ଆମେ ଏଭଳି ପଦକ୍ଷେପକୁ ଉତ୍ସାହିତ କରୁନଥିଲେ ହେଁ ଆମ ସହକର୍ମୀମାନେ ଅଳ୍ପ କେତୋଟି ସ୍ଥାନରେ ଏଭଳି କାମ କରି ଅସୁବିଧାରେ ପଡିଛନ୍ତି। ଏହା ସ□ ଆନ୍ଦୋଳନ ବ୍ୟାପକ ହୋଇଛି। କିନ୍ତୁ ଆନ୍ଦୋଳନ ବ୍ୟାପକ ହେବା ସଙ୍ଗେ ସଙ୍ଗେ ସରକାରଙ୍କ ମଦ ପ୍ରସାରଣ ବି ଦ୍ରୁତଗତିରେ ଚାଲିଛି। ତାହାରି ଫଳରେ ଲୋକଙ୍କ ଉଦ୍ୟମରେ, ମଦମୁକ୍ତ ହୋଇଥିବା ଗାଁରେ ପୁଣି ମଦ କାରବାର ଚାଲିଛି। କାରଣ ପାଖଆଖ ଗାଁରେ ନିଶା କାରବାର ଚାଲିଥିବାରୁ ଏହାର ଅନୁପ୍ରବେଶକୁ ରୋକିବା ସମ୍ଭବପର ହେଉନାହିଁ।

ଆମ ତରଫରୁ ବିଭିନ୍ନ ଅବସରରେ ଓ ବିଭିନ୍ନ ମାଧ୍ୟମରେ ବୁଝାଇବା ସ□ ଅଧିକାଂଶ ଲୋକଙ୍କ ଧାରଣା ଯେ, ସରକାର ମଦ ପ୍ରସାରଣ କରି ପ୍ରଚୁର ଅର୍ଥ ଆୟ କରୁଥିବାରୁ ୧୯୫୬ ମସିହାରୁ ପାରିତ ହୋଇ ପଡ଼ି ରହିଥିବା ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କରୁନାହାଁନ୍ତି। ଲକ୍ଷ୍ୟ କରିଥିବେ ଯେ, ୨୦୨୨-୨୩ ମସିହାରେ ରାଜ୍ୟ ସରକାର ୧ଲକ୍ଷ ୬୦ ହଜାର କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରିବେ ବୋଲି ଘୋଷଣା କରିଛନ୍ତି। ସେଭଳି ପରିସ୍ଥିତିରେ ବର୍ଷକୁ ମାତ୍ର ୫ ହଜାର କୋଟି ଟଙ୍କା ହରାଇଲେ ସରକାର ଅଚଳ ହୋଇଯିବେ ନାହିଁ। ବିହାର ସରକାର ୭ ବର୍ଷ ମଦ ନିଲାମରୁ ଆମ ଠାରୁ ଦେଢଗୁଣ ଅଧିକ ଟଙ୍କା ହରାଇଛନ୍ତି। ନିଶା ନିବାରଣ କାର୍ଯ୍ୟକାରୀ କରିବାର ପ୍ରଥମ ଦୁଇବର୍ଷ ବିହାର ସରକାରଙ୍କୁ କିଛି ଅସୁବିଧା ହୋଇଥିଲା। କିନ୍ତୁ ମଦ ଖାଇବାରେ ବରବାଦ ହେଉଥିବା ଟଙ୍କାରେ ଲୋକେ ଅନ୍ୟ ଜିନିଷ କିଣିବାରୁ ସରକାର ବିକ୍ରିକର ବାବଦରେ ଯେଉଁ ଅଧିକ ଟଙ୍କା ପାଇଲେ ତାହା ବାର୍ଷିକ ଅବକାରୀ ଆୟକୁ ବଳିଗଲା। ଏହାଛଡ଼ା ଓଡ଼ିଶା ଭଳି ଖଣି, ଶିଳ୍ପା□ଳ, ଜଙ୍ଗଲ ଓ ବନ୍ଦର ଆଦି ସେ ରାଜ୍ୟରେ ନଥାଇ ବି ବିହାର ସରକାର ଅଚଳ ହୋଇଯାଇ ନାହିଁ। ତେଣୁ ଓଡ଼ିଶାର ସରକାରଙ୍କର ମଦ ହଟାଇବା ଦିଗରେ ଅନିଚ୍ଛାର କାରଣ ଅନ୍ୟ କିଛି।

ଏବେ ଖାଲି ବିଧାନସଭା ବା ସଂସଦ ନିର୍ବାଚନ କାଳରେ ଟଙ୍କା ଛଡ଼ା ମଦ ଦିଆଯାଉ ନାହିଁ; ପ□ାୟତ ନିର୍ବାଚନରେ ବି ଟଙ୍କା ଓ ମଦ ଦିଆଯାଇ ଭୋଟ କିଣା ହେଉଛି। ଏପରିକି ଛାତ୍ରମାନଙ୍କ ନିର୍ବାଚନ ଓ ଓକିଲମାନଙ୍କ ନିର୍ବାଚନରେ ଜିତିବା ଲାଗି ମଧ୍ୟ ଦିଆଯାଉଛି। ମଦ ଦିଆ ନଗଲେ ନିର୍ବାଚନ ଅଫିସ୍‌କୁ ଯୁବକମାନେ ଆକୃଷ୍ଟ ହେବେନାହିଁ ଓ ରୋଡ୍ ଶୋ ଜମିବ ନାହିଁ ଏବଂ ଅପେକ୍ଷାକୃତ କମ୍ ଟଙ୍କାରେ ଭୋଟ କିଣି ହେବନାହିଁ।....... ଏହି ବାସ୍ତବତା ସବୁ ବଡ଼ ଦଳର ନେତାମାନଙ୍କର ମଦ ହଟାଇବା ଦିଗରେ ଅନିଚ୍ଛାର କାରଣ।

ସରକାର ଭୋଟ ପାଇଗଲା ପରେ ପରବ□ୀ ନିର୍ବାଚନକୁ ଆଖି ଆଗରେ ରଖି ମଝିରେ ମଝିରେ ଲୋକ ଦେଖାଣିଆ ନାନା ପ୍ରକାର ଜନମଙ୍ଗଳ କାର୍ଯ୍ୟ କରୁଛନ୍ତି। ଏପରିକି ଜନ୍ମରୁ ମୃତ୍ୟୁ ପର ପର୍ଯ୍ୟନ୍ତ ନାନା ପ୍ରକାର କାର୍ଯ୍ୟକ୍ରମ ରଖିଛନ୍ତି ଯାହା ପ୍ରତିଦିନ ଖବରକାଗଜରୁ ପଢିବାକୁ ମିଳୁଛି। ତେବେ ସେସବୁକୁ ଅନେକ ଭୋଟର ପରବ□ୀ ଭୋଟ ବେଳକୁ ହୁଏତ ଭୁଲି ଯାଇଥିବେ; ଏଣୁ ନିର୍ବାଚନ ପୂର୍ବରୁ ୧୫ଦିନ ଧରି ଭୋଟରଙ୍କୁ ସମ୍ମୋହିତ କରିବା ଲାଗି ଟଙ୍କା ଛଡ଼ା ମଦ ହେଉଛି ବ୍ରହ୍ମାସ୍ତ୍ର। ଏହା ସ□ ବିହାରରେ ବିନା ମଦରେ ନୀତୀଶ କୁମାର ଗତ ଦୁଇଥର ଭୋଟରେ ଜିତିଲେ। ସେ ବି ଏହା ପୂର୍ବରୁ ତିନିଥର ମୁଖ୍ୟମନ୍ତ୍ରୀ ଥିଲେ ଓ ସେ ସମୟରେ ବିହାରରେ ମଦ ପ୍ରଚଳନ ଥିଲା। ୨୦୧୬ ମସିହାରେ ନିର୍ବାଚନ ଜିତିବା ଦିଗରେ ତାଙ୍କର ସନ୍ଦେହ ଥିଲା। ସେହି ନିର୍ବାଚନ କାଳରେ ବିହାରର ସ୍ୱୟଂ ସହାୟକ ନେତ୍ରୀମାନଙ୍କ ଏକ ସଭାରେ ସେ ପାରମ୍ପାରିକ ଢଙ୍ଗରେ ନିର୍ବାଚନ ପରେ ମହିଳାମାନଙ୍କ ପାଇଁ ନାନା କାର୍ଯ୍ୟକ୍ରମ ନିଆଯିବାର ଘୋଷଣା କରିବାର ପରେ ପରେ ଜଣେ ନେତ୍ରୀ ଠିଆହୋଇ ଜୋର୍ ଦେଇ କହିଲେ, ସେମାନେ ଅନ୍ୟ କିଛି ଚାହାଁନ୍ତି ନାହିଁ, ସେମାନେ ଚାହାଁନ୍ତି ରାଜ୍ୟ ସରକାର ନିର୍ବାଚନ ପରେ ପରେ ମଦ ବନ୍ଦ କରିବେ କି। ତାଙ୍କ କଥା ନସରୁଣୁ ଉପସ୍ଥିତ ୫ହଜାର ମହିଳା ନେତ୍ରୀ ସେହି ଦାବି ଦୋହରାଇଥିଲେ। ନିର୍ବାଚନ ସରିବାର ୭ ଦିନ ମଧ୍ୟରେ ନୀତୀଶ କୁମାର ନିଶା ନିବାରଣ କରିବେ ବୋଲି ଘୋଷଣା କରିଥିଲେ।

ଗତ ଦଶବର୍ଷର ନିଶା ନିବାରଣ ଆନ୍ଦୋଳନ ମଧ୍ୟରେ ଆମେ ଓଡ଼ିଶାର ସ୍ୱାଧୀନତା ପୂର୍ବରୁ ଓ ପରବ□ୀ କାଳ ନିଶା ନିବାରଣ ଆନ୍ଦୋଳନର ଇତିହାସ ପ୍ରତି ଦୃଷ୍ଟିପାତ କରିଛୁ ଏବଂ ଭାରତବର୍ଷରେ ବିଭିନ୍ନ ରାଜ୍ୟରେ ଚାଲି ଆସିଥିବା ଆନ୍ଦୋଳନର ଅଭିଜ୍ଞତାରୁ ଶିକ୍ଷାଲାଭ କରିଛୁ ଯେ, କେବଳ ଆମ ରାଜ୍ୟରେ ନୁହେଁ, ସମଗ୍ର ଭାରତରେ ନିଶା ନିବାରଣ କାର୍ଯ୍ୟକାରୀ ହେଲେ ହିଁ ଏହା ପୂର୍ଣ୍ଣରୂପେ ସଫଳ ହେବ। କିନ୍ତୁ ନିଶା ନିବାରଣକୁ ନିଜ ଦଳର ଏକ ପ୍ରମୁଖ କାର୍ଯ୍ୟକ୍ରମ ଭାବରେ ଗ୍ରହଣ କରି ଆସିଥିବା କଂଗ୍ରେସ ଦଳର,୧୯୫୭ ମସିହାରୁ, ନିଶା ନିବାରଣ ଆଉ କାର୍ଯ୍ୟକ୍ରମ ନାହିଁ। ତେଣୁ ଭାରତବର୍ଷରେ ଏହା ପୂର୍ବରୁ ନିଶା ନିବାରଣ କାର୍ଯ୍ୟକାରୀ ହୋଇଥିବା ଗୁଜରାତରେ ହିଁ ଏହା ଯେନତେନ ଭାବରେ ଚାଲିଛି। ସେହି ରାଜ୍ୟର ସୀମାବ□ୀ ରାଜ୍ୟ ମାନଙ୍କରେ ନିଶା ନିବାରଣ କାର୍ଯ୍ୟକାରୀ ହେଉନଥିବାରୁ ସେସବୁ ରାଜ୍ୟରୁ ଗୁଜୁରାତକୁ ମଦ ଆଦି ପ୍ରବେଶ କରୁଛି। ଆଇନ ଅନୁସାରେ ରେଳ ଷ୍ଟେସନ ଓ ବସ୍‌ମାନଙ୍କ ରହଣୀ ସ୍ଥାନମାନଙ୍କରେ ତନଖି ଚାଲିଥିଲେ ବି ସେହି ରାଜ୍ୟରେ ମଦ ମିଳୁଛି। କିନ୍ତୁ ସରକାର ଏହାକୁ ବେଆଇନ କରିଥିବାରୁ ଅନ୍ୟ ରାଜ୍ୟ ତୁଳନାରେ ଗୁଜୁରାତରେ ମଦ ପ୍ରସାରଣ ବହୁ ପରିମାଣରେ ଊଣା। ବିହାର ବ□ମାନ ସେହି ଅସୁବିଧାରେ ପଡ଼ିଛି। ବିହାରର ମୁଖ୍ୟମନ୍ତ୍ରୀ ଏ ଦିଗରେ ଆଗ୍ରହୀ ବୋଲି ଲୋକଙ୍କର ତଥା ସରକାରୀ କର୍ମଚାରୀମାନଙ୍କର ଡ଼ର ଅଛି। ସେଠାରେ ବେଆଇନ୍ ମଦ ତିଆରି ବା ବିକ୍ରି ଧରା ପଡ଼ିଲେ ଆମ ରାଜ୍ୟ ଭଳି ଅପରାଧୀଙ୍କୁ ଥାନାରୁ ଜାମିନ୍ ମିଳୁନାହିଁ। ଫଳରେ ଲକ୍ଷାଧିକ ଅପରାଧି ବହୁ କାଳ ହେଲା କାରାଗାରରେ ରହିଛନ୍ତି। ଏଣୁ ସେଠାରେ ନିଶା ନିବାରଣ ସମ୍ପୂର୍ଣ୍ଣ ନହେଲେ ବି ୭୫ ଶତାଂଶ ସଫଳ ହୋଇଛି। ମଦ ପ୍ରଚଳନ ସପକ୍ଷବାଦୀମାନେ ଆଉ ଗୋଟିଏ ଯୁକ୍ତି ଦେଖାନ୍ତି ଯେ, ସରକାରୀ ଭାବରେ ମଦ ପ୍ରଚଳନ ବନ୍ଦ କରିଦେଲେ ଲୋକେ ବେଆଇନ୍ ଭାବରେ ତିଆରି ମଦ ପିଇବେ, ଯାହା ପିଇ ବହୁ ଲୋକ ମରିବେ। କାରଣ ସେଭଳି ତିଆରି ମଦ ଅଧିକାଂଶ ସମୟରେ ବିଷାକ୍ତ ହୋଇଥାଏ। କିନ୍ତୁ ମଦ ପ୍ରଚଳିତ ମଧ୍ୟପ୍ରଦେଶ ଓ ଉ□ର ପ୍ରଦେଶ ଭଳି ବଡ଼ ରାଜ୍ୟରେ ବି ବିଷାକ୍ତ ମଦ ପିଇ ମରିବା ଖବର ମିଳୁଛି ଓ ସେହି ସଂଖ୍ୟା କୌଣସି ବର୍ଷ ୨୦୦ରୁ ଅଧିକ ନୁହେଁ। ଅର୍ଥାତ୍ ସଡ଼କ ଦୁର୍ଘଟଣାରେ ଓଡ଼ିଶା ଭଳି ଛୋଟ ରାଜ୍ୟରେ ବର୍ଷକୁ ପ୍ରାୟ ୫ ହଜାର ଲୋକ ସଡ଼କ ଦୁର୍ଘଟଣାରେ ମରୁଛନ୍ତି। ଆଉ ସଡ଼କ ଦୁର୍ଘଟଣାରେ ମରୁଥିବା ଲୋକଙ୍କ ମଧ୍ୟରୁ ଅଧିକାଂଶ ମଦ ପିଇ ଗାଡ଼ି ଚଳାଉଥିବା କାରଣରୁ ଏଭଳି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏଣୁ ମଦମୁକ୍ତ ବିହାରରେ ବିଷାକ୍ତ ମଦ ପିଇ ୧୦୦ ଲୋକ ମରିଗଲେ ସେହି କଥାକୁ ଉଦାହରଣ ଦେଇ ପୁଣି ସର୍ବନାଶୀ ମଦପ୍ରଚଳନ ସପକ୍ଷରେ ଏତେ ଚିତ୍କାର କାହିଁକି?

ଏହି ସମସ୍ୟାକୁ ଆଖି ଆଗରେ ରଖି ଆମେ ଭାରତବର୍ଷର ସବୁରାଜ୍ୟର ନିଶା ନିବାରଣ କାର୍ଯ୍ୟରେ ଲାଗିଥିବା ସଂଗ୍ରାମୀମାନଙ୍କୁ ଭୁବନେଶ୍ୱର ଓ ଦିଲ୍ଲୀରେ ସମବେତ କରାଇଥିଲୁ। ଦିଲ୍ଲୀ ସମ୍ମୀଳନୀକୁ ନୀତୀଶ କୁମାରଙ୍କ ଛଡ଼ା ୧୮ଟି ରାଜ୍ୟର ପ୍ରତିନିଧି ଯୋଗ ଦେଇ ଏହି ଆନ୍ଦୋଳନକୁ ଆଗେଇ ନେବା ପାଇଁ ଘୋଷଣା କରିଥିଲେ। ଏଭଳି ସମ୍ମିଳନୀ ଦେଶର ବିଭିନ୍ନ ଅ□ଳରେ କରାଇବା ଲାଗି ପ୍ରସ୍ତାବ ଗ୍ରହଣ କରାଯାଇଥିବା ସ□ କରୋନା ଲାଗି ଏହା ବନ୍ଦ ରହିଛି ଓ ଆମ ରାଜ୍ୟରେ ଚାଲିଥିବା ଆନ୍ଦୋଳନ ବି ଦୁଇବର୍ଷ ଧରି ପ୍ରାୟ ବନ୍ଦ ହୋଇଯାଇଥିଲା।

ମଦ ଦ୍ୱାରା ବିଶେଷଭାବରେ ମହିଳା ଓ ଗରିବ ଲୋକ ଅଧିକ କ୍ଷତିଗ୍ରସ୍ତ ହେଉଥିବାରୁ ସେମାନେ ବିଭିନ୍ନ ସମୟରେ ଗଣବିକ୍ଷୋଭରେ ଆଗୁଆ ହୋଇ ରହି ଆସିଛନ୍ତି। ଚାଷୀ ଆନ୍ଦୋଳନରେ ପୁରୁଷମାନେ ଓ କୌଣସି ମତେ ଚଳି ଯାଉଥିବା ଚାଷୀମାନେ ଘର ଛାଡ଼ି ବହୁ ସଂଖ୍ୟାରେ ଯୋଗ ଦେଉଛନ୍ତି ଏବଂ ଦୀର୍ଘକାଳ ଧରି ଆନ୍ଦୋଳନକୁ ଜାରି ରଖୁଛନ୍ତି। ମଦ ଆନ୍ଦୋଳନରେ ଯେଉଁମାନେ ବର୍ଷ ବର୍ଷ ଧରି ସମ୍ପୃକ୍ତ ଅଛନ୍ତି, ସେମାନେ

ଭୁବନେଶ୍ୱର ବା ଜିଲ୍ଲା ମହକୁମାକୁ ଏକାଧିକ ବାର ଆସିବାକୁ ଅନିଚ୍ଛୁକ। କାରଣ ଆର୍ଥିକ ଓ ପିଲାପିଲିଙ୍କ ସମସ୍ୟା। ସେମାନେ ଭାବିଥିଲେ ଯେ ଦୁଇ ଚାରିଥର ଭୁବନେଶ୍ୱର, ଜିଲ୍ଲା ମହକୁମାକୁ ଯାଇ ମୁଖ୍ୟମନ୍ତ୍ରୀ ଏବଂ ଜିଲ୍ଲାପାଳଙ୍କୁ ଭେଟି ଦାବି ଜଣାଇବା ଫଳରେ ମଦ ଦୋକାନ ଉଠିଯିବ। କିନ୍ତୁ ଏହା ପଛରେ ଥିବା କ୍ଷମତା ଦଖଲ କରିବାର ଅବ୍ୟର୍ଥ ସୁଯୋଗକୁ ନେତାମାନେ ହାତଛଡ଼ା କରିପାରୁ ନଥିବାରୁ ଏ ଦିଗରେ କିଛି ସାଫଲ୍ୟ ମିଳିନାହିଁ।

କ୍ଷମତା ଲାଭର ଚାବିକାଠି ଭୋଟରଙ୍କ ହାତରେ। ସେ ଚାବିକାଠି ଭୋଟରମାନଙ୍କ ଠାରୁ ହାତେଇବା ଲାଗି ୫ ବର୍ଷ ଧରି ପ୍ରତିଦିନ କେଉଁଠି ନା କେଉଁଠି ଶୁଭ ଦେବା ଓ ଉନ୍ମୋଚନ କରି ତାହାକୁ ଜାତି ଉଦ୍ଦେଶ୍ୟରେ ଅର୍ପଣ କରିବା ଆଦି କାମ ଚାଲିଥାଏ। ନିର୍ବାଚନ ପୂର୍ବର ୬ ମାସ କାଳ ଲୋକମତକୁ କବଳିତ କରିବା ଲାଗି ବିଶେଷ ଯୋଜନାମାନ ନିଆଯାଇଥାଏ। ଆଉ ନିର୍ବାଚନ ପୂର୍ବ ସପ୍ତାହରେ ମଦ ମାଂସ ଏବଂ ଶହ ଶହ କୋଟି ଟଙ୍କା ବ□ା ହୋଇଥାଏ। ଏସବୁକୁ ମିଶି ଭୋଟରମାନେ ଯେତେ ଲାଭ ପାଇଥାନ୍ତି, ମଦ ପ୍ରଚଳନ ଯୋଗୁଁ ସମାଜର ତାହାଠାରୁ ବହୁଗୁଣ କ୍ଷତି ହୁଏ। କେବଳ ମଦ ଯୋଗୁ ସଡ଼କ ଦୁର୍ଘଟଣାରେ ପ୍ରତି ରାଜ୍ୟରୁ ବର୍ଷକୁ ୫ ହଜାରରୁ ଅଧିକ ଲୋକ ମରୁଥିବା କଥା ସମସ୍ତେ ଜାଣନ୍ତି। ଏହାଛଡ଼ା କିଛିବର୍ଷ ଧରି ମଦ ପିଇଲେ ଅନେକ ଲୋକ ହୃଦ୍‌ଘାତରେ ମରନ୍ତି ଓ ଅନେକ ମଦୁଆ ମଧୁମେହରେ ଆକ୍ରାନ୍ତ ହୁଅନ୍ତି; ଯାହାର ଫଳସ୍ୱରୂପ ଅନେକ ମଦୁଆ ମଧ ଦୁରାରୋଗ୍ୟ କର୍କଟ ରୋଗରେ ପଡ଼ି ଅଧା ବୟସରେ ମରନ୍ତି। ଓଡ଼ିଶାର ପ୍ରାୟ ୭୦ ଲକ୍ଷ ଲୋକ ମଦ ପିଉଛନ୍ତି ବୋଲି ସରକାରୀ ହିସାବରୁ ଜଣାଯାଏ। ଏମାନଙ୍କ ମଧ୍ୟରୁ ପ୍ରତିବର୍ଷ ଅନ୍ତତଃ ୧୦ ଲକ୍ଷ ଲୋକ ମଧୁମେହରେ ପଡୁଛନ୍ତି, ଯେଉଁମାନଙ୍କ ମଧ୍ୟରୁ ପ୍ରତିବର୍ଷ ଲକ୍ଷାଧିକ ଲୋକ କର୍କଟ ରୋଗରେ ଆକ୍ରାନ୍ତ ହୋଇ ମରୁଛନ୍ତି। ତାହାଫଳରେ ଲକ୍ଷ ଲକ୍ଷ ଝିଅ ସାରା ଜୀବନ ବୈଧବ୍ୟ ଭୋଗୁଛନ୍ତି। ପୁଅ ଓ ସ୍ୱାମୀଙ୍କୁ ହରାଇବା କ୍ଷତିକୁ କଣ କଳନା କରିହେବ? ମଦ ଯୋଗୁ ଦେଶର ଏତେବଡ଼ କ୍ଷତି ହେଉଥିଲେ ହେଁ କ୍ଷମତା ପାଗଳମାନେ କ୍ଷମତା ଲାଭ ପାଇଁ ଏଭଳି ଦେଶଦ୍ରୋହୀ କାର୍ଯ୍ୟ କରି ଚାଲିଛନ୍ତି। ଏହି ସାଙ୍ଘାତିକ କ୍ଷତି ଛଡ଼ା ସମାଜର ଯୁବଶକ୍ତି ମଦ୍ୟାସକ୍ତ ହେବା ଫଳରେ ସୃଜନଶୀଳତା ହରାଉଛନ୍ତି ଓ ପାରିବାରିକ ଅଶାନ୍ତି ଘଟୁଛି ଏବଂ ଅର୍ଥହାନୀ ସହ ଉତ୍ପାଦନଶୀଳତା, ଶିକ୍ଷା ଓ ସଂସ୍କୃତିର ଅବକ୍ଷୟ ଘଟୁଛି। ଆମ୍ଭ ସମ୍ବିଧାନର ୪୭ ଧାରାରେ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ସେମାନେ ଲୋକଙ୍କ ସ୍ୱାର୍ଥରକ୍ଷା ଲାଗି ନିଶା ନିବାରଣକୁ କାର୍ଯ୍ୟକାରୀ କରିବେ। କିନ୍ତୁ ସରକାର ଲୋକଙ୍କ ମଙ୍ଗଳ କରିବା ବଦଳରେ ନିଜେ ମଦ ପ୍ରସାରଣ କରି ସମ୍ବିଧାନର ମୌଳିକ ଆଭିମୁଖ୍ୟକୁ ବି ବିରୋଧ କରୁଛନ୍ତି।

ନରେନ୍ଦ୍ର ମୋଦିଙ୍କ ଠାରୁ ଆରମ୍ଭ କରି ନବୀନ ପଟ୍ଟନାୟକଙ୍କ ପର୍ଯ୍ୟନ୍ତ ନେତାମାନେ ଯେଉଁ ହଜାର ହଜାର କୋଟି ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟ ଦେଶବାସୀଙ୍କ ଉଦ୍ଦେଶ୍ୟରେ ପ୍ରତିଦିନ ଉତ୍ସର୍ଗ କରୁଛନ୍ତି, ସେସବୁ ସେମାନଙ୍କର ପିତୃ ଅର୍ଜିତ ବା ସ୍ୱଅର୍ଜିତ ଅର୍ଥ ନୁହେଁ। ସେମାନେ ସେସବୁ ଦେଶବାସୀମାନଙ୍କ ଠାରୁ କର, ଟିକସ ଆକାରରେ ଆଦାୟ କରନ୍ତି ଓ ଦେଶ ବା ରାଜ୍ୟବାସୀମାନଙ୍କ ପତିଆରାରେ ଋଣ କରି ବ୍ୟୟ କରିଥାନ୍ତି। ଯେଉଁସବୁ ଅର୍ଥ ବ୍ୟୟ ହୁଏ ତହିଁରେ ଦେଶରକ୍ଷା ବିଭାଗ ଠାରୁ ଆରମ୍ଭ କରି ରେଳ ବିଭାଗ ଓ ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥ ଆଦି ବିଭାଗର ଖର୍ଚ୍ଚରୁ ନେତାମାନେ ଦଳୀୟ ପାଣ୍ଠି ସଂଗ୍ରହ କରିଥାନ୍ତି। ସେହି ପାଣ୍ଠିକୁ ହିଁ ନିର୍ବାଚନ ବେଳେ ଖର୍ଚ୍ଚ କରିଥାନ୍ତି। ସାଧାରଣ ଲୋକେ ନେତାମାନଙ୍କର ଏ କାରସାଦି ଜାଣିପାରୁ ନଥିବାରୁ ସେମାନେ ନିର୍ବିଚାରରେ ନେତାଙ୍କ ଭୋଟ ବେଳର ଥୋପ ଗିଳି ଭୋଟ ଅଜାଡ଼ି ଦିଅନ୍ତି। କ୍ଷମତା ହାସଲ କରି ନେତାମାନେ ଦେଶ ଓ ରାଜ୍ୟକୁ ଲୁଟ୍ କଲେ ବା ଭସାଇ ଦେଲେ ବି ଟଙ୍କା ଓ ମଦ ନେଇ ଭୋଟ ଦେଇଥିବା ଦେଶବାସୀଙ୍କର ପ୍ରତିବାଦ କରିବାକୁ ମୁଁ' ନଥାଏ।

ଦେଶ ଓ ରାଜ୍ୟର କ୍ଷମତା ଅନ୍ଧ ସରକାର ଲକ୍ଷ ଲକ୍ଷ ଲୋକଙ୍କ ବିକ୍ଷୋଭ ପ୍ରତିବାଦ ବା ସଡ଼କ ଅବରୋଧକୁ ଖାତିର କରନ୍ତି ନାହିଁ। ତାଙ୍କର ଏକମାତ୍ର ଡ଼ର ଭୋଟରମାନଙ୍କୁ। ଦେଶର ସେହି ଭୋଟରମାନେ କ୍ଷମତାଧାରୀମାନଙ୍କୁ ନିର୍ବାଚନର ଯଥେଷ୍ଟ ପୂର୍ବରୁ ରାଜ୍ୟକୁ ମଦମୁକ୍ତ କରିବା ଲାଗି ଘୋଷଣା କରିବାକୁ ବାଧ୍ୟ କରନ୍ତୁ। ସେଥିଲାଗି ଏବେଠାରୁ ନିଶା ନିବାରଣ ଅଭିଯାନର ସ୍ୱେଚ୍ଛାସେବୀମାନେ କ୍ଷମତାଧାରୀଙ୍କ ଏଭଳି ପ୍ରବ□ନା ବାବଦରେ ପ୍ରତ୍ୟେକ ପରିବାରକୁ ହେଜେଇ ଶେଷ ସଂଗ୍ରାମ ଲାଗି ପ୍ରସ୍ତୁତ କରାନ୍ତୁ। ଏଣିକି ଭୁବନେଶ୍ୱର ବା ଜିଲ୍ଲା ସଦର ମହକୁମାକୁ ଆସି ମୁଖ୍ୟମନ୍ତ୍ରୀ ବା ଜିଲ୍ଲାପାଳଙ୍କୁ ଗୁହାରି କରିବାର ନାହିଁ। ନିଜ ଗାଁ ଓ ପାଖାଆଖ ପ□ାୟତରେ ଏ ଦିଗରେ ଦୃଢ଼ ଜନମତ ସୃଷ୍ଟି କରନ୍ତୁ ଓ ବ୍ଲକର କେନ୍ଦ୍ରରେ ବର୍ଷକୁ ଦୁଇଥର ବଡ଼ ଧରଣର ସମାବେଶ କରି ବିଧାୟକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଶେଷଥର ପାଇଁ ଦାବି ଜଣାନ୍ତୁ। ଏହାଛଡ଼ା ନିର୍ବାଚନକାଳୀନ ସଭାରେ ଏ ଦିଗରେ ପ୍ରଶ୍ନ ପଚାରି ନିଶା ନିବାରଣ କାର୍ଯ୍ୟକାରୀ କରିବେ ବୋଲି ପ୍ରତିଶ୍ରୁତି ଆଦାୟ କରନ୍ତୁ। ଏହି କାର୍ଯ୍ୟକୁ ଦେଶର ଏକନମ୍ବର କାର୍ଯ୍ୟ ଭାବରେ ଗ୍ରହଣ କରି ଦେଶର ଉଜ୍ଜ୍ୱଳ ଭବିଷ୍ୟତକୁ ଲକ୍ଷ୍ୟ ରଖି 'ତନ୍-ମନ୍-ଧନ୍' ଦେଇ ଏକ ମଦମୁକ୍ତ ସମାଜ ନିମନ୍ତେ ଆଗେଇ ଚାଲନ୍ତୁ।

**ପଦ୍ମଚରଣ ନାୟକ**, ସଭାପତି

### କେନ୍ଦ୍ରପଡ଼ା ଜିଲ୍ଲା କମିଟିରେ "ମୋନା"ର ନିଷ୍ପ□ି :

## ଗାନ୍ଧୀ ଜୟନ୍ତୀରୁ ଗାଁକୁ ଯିବ ଆନ୍ଦୋଳନ

**ମଦ ବିରୋଧୀ ଜିଲ୍ଲା କମିଟି ପୁନର୍ଗଠିତ**



### ସମ୍ବଲପୁରଠାରେ ଉତ୍କଳ ସର୍ବୋଦୟମଣ୍ଡଳ ବୈଠକ

## ଗାନ୍ଧୀବାଦ ଓ ନିଶା ନିବାରଣ ଉପରେ ଗୁରୁତ୍ୱ



ମଦ ପିଇ ପୁଅ ମାଆକୁ ହାଣେ - ପୁଅ ଠାରୁ ବାପ ଗାଳି ବି ଶୁଣେ

# ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ
# ଭଦ୍ରଖ ଜିଲ୍ଲା ସମ୍ମିଳନୀ



ଓଡ଼ିଶାର ଅନ୍ୟତମ ସମ୍ବେଦନଶୀଳ, ଜନବାଦୀ, ବିଶିଷ୍ଟ ରାଜନେତା ତଥା ପ୍ରବୀଣ ଆଇନଜିବୀ ଶ୍ରୀଯୁକ୍ତ ନିରାକାର ଜେନାଙ୍କ ଅଧ୍ୟକ୍ଷତାରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ, ଭଦ୍ରକ ଜିଲ୍ଲା ଶାଖାର ଏକ ସାଧାରଣ ଅଧିବେଶନ ଜିଲ୍ଲା ମହକୁମା ଅନ୍ତର୍ଗତ ଓକିଲ ସଂଘ ସଭାଗୃହରେ ତା୪.୯.୨୦୨୨ରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ମୋନାର ରାଜ୍ୟ ସଭାପତି ତଥା ବିଶିଷ୍ଟ ଗାନ୍ଧୀବାଦୀ ସମାଜସେବୀ ଶ୍ରୀଯୁକ୍ତ ପଦ୍ମଚରଣ ନାୟକ । ମୋନାର ଭଦ୍ରକ ଜିଲ୍ଲା ସମ୍ପାଦକ ଶ୍ରୀ ଗିରିଧାରୀ ନାଥ ସମ୍ପାଦକୀୟ ବିବରଣୀରେ ବିଭିନ୍ନ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ । ସମସ୍ତ ୭ ଗୋଟି ଯାକ ବ୍ଲକ୍‌ର ପ୍ରତିନିଧି ଏହି ବୈଠକରେ ଯୋଗ ଦେଇ ନିଜ ନିଜ ଅଂଚଳର ସାଂଗଠନିକ ସ୍ଥିତି ଓ ଏହାର ପରିଚାଳନା ଉପରେ ସୂଚନା ପ୍ରଦାନ କରିଥିଲେ ଓ ଆଗାମୀ ଦିନରେ ମଦ ବିରୋଧରେ ଆନ୍ଦୋଳନକୁ ଦୃଢ କରିବା ପାଇଁ ପ୍ରକାଶ କରିଥିଲେ ।

ଏହି ଅବସରରେ ନାଟ୍ୟକାର କୁଳମଣି ବେହେରାଙ୍କ ଲିଖିତ 'ମଦ ଭାଙ୍ଗିଦେଲା ସୁନା ସଂସାର' ନାଟକର ଶୁଭ ଉଦଘାଟନ ଶ୍ରୀଯୁକ୍ତ ପଦ୍ମଚରଣ ନାୟକ କରିଥିଲେ ।

ଆଗାମୀ ୨ ବର୍ଷ ପାଇଁ ଜିଲ୍ଲା କମିଟିର ସୁପରିଚାଳନା ନିମନ୍ତେ ସଭାପତି ସର୍ବଶ୍ରୀ ନିରାକାର ଜେନା ଓ ସମ୍ପାଦକ ଗିରିଧାରୀ ନାଥଙ୍କ ନେତୃତ୍ୱରେ ଏକ ୧୯ ଜଣିଆ କମିଟି ଗଠନ କରାଯାଇଥିଲା । ଏହାରି ମାଧ୍ୟମରେ ଖୁବ୍‌ଶୀଘ୍ର ପ୍ରତ୍ୟେକ ବ୍ଲକ୍‌ରେ ଏବଂ ପଂଚାୟତସ୍ତରରେ ମଦବିରୋଧୀ କମିଟି ଗଠନ କରାଯାଇ ଆନ୍ଦୋଳନକୁ ତୃଣମୂଳ ସ୍ତରରେ ଦୃଢ କରିବା ପାଇଁ ରାଜ୍ୟ ଉପସଭାପତି ଶ୍ରୀଖଗେଶ୍ୱର ବଳ ପରାମର୍ଶ ଦେଇଥିଲେ । ଆଡଭୋକେଟ୍ ଶ୍ରୀଯୁକ୍ତ ଅଗଣୀ ଜେନା ଉପସ୍ଥିତ ସମସ୍ତ କର୍ମୀ ଓ ରାଜ୍ୟ କମିଟି ପ୍ରତିନିଧିଙ୍କୁ ଧନ୍ୟବାଦ ଅର୍ପଣ କଲା ପରେ ସଭାପତି ସଭା ସାଙ୍ଗ ଘୋଷଣା କରିଥିଲେ ।

***ବି.ଦ୍ର.: ଗତ ୦୫/୦୬/୨୦୨୨ରେ ପୁରୀଠାରେ ଅନୁଷ୍ଠିତ ତୃତୀୟ ରାଜ୍ୟ ସମ୍ମିଳନୀର ନିଷ୍ପତି ଅନୁଯାୟୀ ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ରାଜ୍ୟର ସମସ୍ତ ଜିଲ୍ଲା / ବ୍ଲକ୍ ସ୍ତରରେ ସ୍ଥାନୀୟ ଜନସାଧାରଣ ଗାନ୍ଧୀମୂ□/ଫଟୋ ନିକଟରେ ରାଜ୍ୟରେ ମଦବନ୍ଦ ଦାବିରେ ଶାନ୍ତିପୂର୍ଣ୍ଣ ଗଣଧାରଣାରେ ବସିବା ସହ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବୀପତ୍ର ପ୍ରଦାନ କରନ୍ତୁ ।***

***- ରାଜ୍ୟ କମିଟି***

# "ମୋନା"ର ବାଲେଶ୍ୱରଠାରେ ପ୍ରଥମ ଜୋନ୍‌ସ୍ତରୀୟ ବୈଠକ

ତା୩.୭.୨୦୨୨ରେ ବାଲେଶ୍ୱର ଜିଲ୍ଲାର ରେମୁଣାଠାରେ ଗୌରୀଶଙ୍କର କଲ୍ୟାଣ ମଣ୍ଡପ ଗୃହରେ ଉତର ଓଡ଼ିଶାର ବାଲେଶ୍ୱର, ଭଦ୍ରଖ ଓ ମୟୁରଭଞ୍ଜ ଜିଲ୍ଲାକୁ ନେଇ ଗଠିତ ମଣ୍ଡଳସ୍ତରୀୟ ସାଧାରଣ ସଭା ରାଜ୍ୟ ସଭାପତି ଶ୍ରୀଯୁକ୍ତ ପଦ୍ମଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଅଛି । ସଭାରେ ଜିଲ୍ଲାମାନଙ୍କର ବହୁ ସଂଖ୍ୟକ ସଭ୍ୟା/ସଭ୍ୟ ଯୋଗ ଦେଇ ସମାଜରୁ ମଦକୁ ହଟେଇବାର ଶପଥ ନେଇଥିଲେ । ସରକାର ଯଦି ରାଜ୍ୟରେ ନିଶା ନିବାରଣ ଆଇନ୍ ୧୯୫୬କୁ ଲାଗୁ ନକରନ୍ତି, ତେବେ ପୁରୀ ସମ୍ମିଳନୀର ନିଷ୍ପତି ଅନୁସାରେ ଆଗାମୀ ୨୦୨୪ ମସିହାର ସାଧାରଣ ନିର୍ବାଚନରେ ବର୍ତମାନର ରାଜ୍ୟସରକାରକୁ ହଟେଇବା ପାଇଁ ଗୃହରେ ସର୍ବସମ୍ମତିକ୍ରମେ ନିଷ୍ପତି ଗୃହୀତ ହୋଇଥିଲା । ଏହି ସାଧାରଣ ସଭାରେ ସମାଜର ବିଭିନ୍ନ ବର୍ଗର ପ୍ରତିନିଧି ଯୋଗ ଦେଇଥିବା ଦେଖାଯାଉଥିଲା । ସମାଜର ବିଭିନ୍ନ ବର୍ଗର ପ୍ରତିନିଧି ଯୋଗଦେଇଥିବା ଦେଖାଯାଇଥିଲା । ପୂର୍ବତନ ବିଧାୟକ ଶ୍ରୀ କିଶୋର ଚନ୍ଦ୍ର ଦାସ, ଆଡ୍‌ଭୋକେଟ ଶ୍ରୀ ପ୍ରଭାକର ସାହୁ, ଶିକ୍ଷାବିତ୍ ଡଃ ଭାଗବତ ଦାସ, ବାଲେଶ୍ୱର ଜିଲ୍ଲା କମିଟି ସମ୍ପାଦିକା ଶ୍ରୀମତୀ ମମତା ମହାପାତ୍ର, ବାଲେଶ୍ୱର ଜିଲ୍ଲା ସଂଯୋଜିକା ତଥା ରାଜ୍ୟ କମିଟି ସମ୍ପାଦିକା ଶ୍ରୀମତୀ ତପସ୍ୱୀନି କର, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ଶ୍ରୀମତୀ ମିନତୀ ଦାସ, ଶ୍ରୀ ଗୌରାଙ୍ଗ ପାଣିଗ୍ରାହୀ, ଶ୍ରୀ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଶ୍ରୀ ଯୋଗେନ୍ଦ୍ର ଆଚାର୍ଯ୍ୟ, ଶ୍ରୀ ଷ୍ଟାଲିନ୍ ମିଶ୍ର, ଶ୍ରୀ ଚକ୍ରଧର ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇ ସରକାରଙ୍କ ମଦ ନୀତିକୁ ତୀବ୍ର ସମାଲୋଚନା କରିଥିଲେ ।

ଜୋନ୍‌ସ୍ତରୀୟ ଆନ୍ଦୋଳନର ସୁପରିଚାଳନା ନିମନ୍ତେ ଏକ ଅସ୍ଥାୟୀ ଜୋନ୍ କମିଟି ଗଠନ କରାଯାଇଥିଲା ଓ ଏହାର ଯୁଗ୍ମ ଆବାହକ ଭାବେ ଶ୍ରୀ ମନମୋହନ ମିଶ୍ର, ଖଗେଶ୍ୱର ବଳ ଓ ଶ୍ରୀମତୀ ତପସ୍ୱନୀ କରଙ୍କ ସମତେ ୧୬ ଜଣଙ୍କୁ କାର୍ଯ୍ୟକାରୀ କମିଟିକୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଗଲା । ନିଶା ନିବାରଣ ଦାବିରେ ସଭ୍ୟ ସଂଗ୍ରହ ସହ ଆନ୍ଦୋଳନକୁ ବ୍ୟାପକ କରିବା ନିମନ୍ତେ ତିନୋଟି ଜିଲ୍ଲାରେ ବ୍ଲକ୍ ଓ ପଂଚାୟତସ୍ତରରେ କମିଟି ଗଠନ, ପାଣ୍ଠି ସଂଗ୍ରହ ଓ ମଦକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦାବିକୁ ନେଇ ନିର୍ବାଚନରେ ଭୋଟ ପ୍ରଦାନ ଉପରେ ନିଷ୍ପତି ମାନ ଗୃହୀତ ହୋଇଥିଲା । ଏହି ସଭାକାର୍ଯ୍ୟକୁ ସଂଯୋଜନା କରିଥିଲେ, ଜୋନ୍ ଆବାହକ ଶ୍ରୀ ମନମୋନହ ମିଶ୍ର । ରାଜ୍ୟ କମିଟି ତରଫରୁ ସର୍ବଶ୍ରୀ କାହ୍ନୁବେହୁରା, ଖଗେଶ୍ୱର ବଳ, ଗିରିଜା ନାୟକ, ମଳୟ ତ୍ରିପାଠୀ, ଅରୁଣ ସ୍ୱାଇଁ, ଶୁଭେନ୍ଦୁ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ ।


ରେମୁଣାରେ ଉତ୍ତର ଓଡ଼ିଶା ନିଶା ନିବାରଣ କର୍ମଶାଳା

୨୦୨୪ ନିର୍ବାଚନୀ ଇସ୍ତାହାରରେ 'ମଦମୁକ୍ତ ଓଡ଼ିଶା ଦାବି'

### "ମୋନା" ରାଜ୍ୟ କମିଟିର କର୍ମକର୍ତାବୃନ୍ଦଙ୍କୁ ଯୋଗାଯୋଗ ନିମନ୍ତେ ନିମ୍ନୋକ୍ତ ଫୋନ୍ ନମ୍ବର ଦିଆଗଲା

| | | |
|---|---|---|
| ସଭାପତି | ଶ୍ରୀଯୁକ୍ତ ପଦ୍ମଚରଣ ନାୟକ | ୯୯୩୮୮୯୩୪୪୫ |
| କାର୍ଯ୍ୟକାରୀ ସଭାପତି | ଶ୍ରୀ କାହ୍ନୁଚରଣ ବେହୁରା | ୯୪୩୯୦୪୪୩୬୪ |
| ଉପସଭାପତି | ପ୍ରଫେ.ଡଃ ଅଦ୍ୱୈତ କୁମାର ପାତ୍ର | ୯୪୩୯୧୭୫୭୪୩ |
| ଉପସଭାପତି | ପ୍ରଫେ. ଡଃ ବିଜୟ କୁମାର ସ୍ୱାଇଁ | ୯୪୩୭୦୫୫୦୫୮ |
| ଉପସଭାପତି | ଶ୍ରୀ ଅର୍ଜୁନ ସାମନ୍ତରାୟ | ୭୯୭୮୬୮୮୭୮୦ |
| ଉପସଭାପତି | ଶ୍ରୀ ଖଗେଶ୍ୱର ବଳ | ୯୯୩୭୧୨୭୨୮୯ |
| ଉପସଭାପତି | ସୁଶ୍ରୀ କବିତାରାଣୀ ପରିଡ଼ା | ୯୪୩୯୫୬୯୦୬୬ |
| ମହାସଚିବ | ଶ୍ରୀ ଗିରିଜା ପ୍ରସାଦ ନାୟକ | ୯୯୩୭୧୯୪୪୫୧ |
| ସଚିବ (ସାଧାରଣ) | ଶ୍ରୀ ରମାକାନ୍ତ ମଣ୍ଡଳ | ୯୪୩୭୬୬୯୪୧୨ |
| ସଚିବ (ସଂଗଠନ) | ଶ୍ରୀ ମନମୋହନ ମିଶ୍ର | ୭୦୭୭୯୫୭୦୪୬ |
| ସଚିବ (ମହିଳା ଶାଖା) | ଶ୍ରୀମତୀ ଅପର୍ଣ୍ଣା ନାୟକ | ୮୭୬୩୬୬୯୫୭୨ |
| ସଚିବ (ସାମାଜିକ ଗଣମାଧ୍ୟମ) | ଶ୍ରୀ ମଧୁସୂଦନ ମିଶ୍ର | ୯୪୩୮୫୯୦୬୪୧ |
| ସଚିବ (କାର୍ଯ୍ୟାଳୟ) | ଶ୍ରୀ ଶୁଭେନ୍ଦୁ କୁମାର ରାଉତରାୟ | ୯୪୩୭୧୦୭୪୨୭ |
| ସଚିବ (ପ୍ରକାଶନ) | ଶ୍ରୀ କୈଳାସ ଚନ୍ଦ୍ର ମଲ୍ଲିକ | ୯୮୬୧୬୨୦୧୦୫ |
| ସଚିବ (ସଂଗଠନ) | ଶ୍ରୀମତୀ ତପସ୍ୱିନୀ କର | ୯୯୩୮୨୪୫୩୫୦ |
| ସଚିବ (ସଂଗଠନ) | ଶ୍ରୀମତୀ ପାର୍ବତୀ ନାଏକ | ୯୪୩୭୨୭୫୫୪୪ |
| କୋଷାଧ୍ୟକ୍ଷ | ଶ୍ରୀ ପ୍ରିୟନାଥ ଆଚାର୍ଯ୍ୟ | ୭୭୫୦୯୫୧୩୯୭ |
| ଆକାଉ□□ | ଶ୍ରୀମତୀ ଇନ୍ଦୁମତୀ ସାହୁ | ୮୮୯୫୨୧୦୪୨୨ |